بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୨୧ ଜୁନ୍ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

## ବନୁ ନଜିର୍ ଯୁଦ୍ଧର ଅବସ୍ଥା ଓ ଘଟଣାବଳୀର ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହ୍‌ମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତବାରେ ମୁଁ ଇହୁଦୀ କବିଲା ବନୁ ନଜିର୍‌ର ଷଡ଼ଯନ୍ତ୍ରର ପରିଣାମ ଯାହାକି ସେମାନେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କୁ ହତ୍ୟା କରିବାର (ଚକ୍ରାନ୍ତ) କରିଥିଲେ, ତାହାର ଚର୍ଚ୍ଚା କରିଥିଲି । ଆଜି ସେହି ଘଟଣାର ବିସ୍ତୃତ ବ୍ୟାଖ୍ୟା ବର୍ଣ୍ଣନା କରିବି କି କିପରି ପରାକ୍ରମୀ ଅଲ୍ଲାଃତାଲା ସେମାନଙ୍କ ନୀଚ ଯୋଜନାକୁ ପଣ୍ଡ କଲେ । ଏହି ପରିପ୍ରେକ୍ଷୀରେ ଉଲ୍ଲେଖ ରହିଛି ଯେ, ଦୈବିବାଣୀ ଯୋଗେ ହୁଜୁର [ସ.ଅ]ଙ୍କୁ ସେମାନଙ୍କ ଷଡ଼ଯନ୍ତ୍ର ସଂକ୍ରାନ୍ତରେ ଜ୍ଞାତ ହୋଇଥିଲା । ଏହାର ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି ଯେ, ଅମର ବିନ୍ ହଜଶ୍ ଛାତ ଉପରେ ପହଞ୍ଚିଗଲା ଯଦ୍ୱାରା ସେ ହୁଜୁର [ସ.ଅ]ଙ୍କ ଉପରକୁ ଶିଳା ଫିଙ୍ଗି ଦେବ କିନ୍ତୁ ହୁଜୁର [ସ.ଅ]ଙ୍କୁ ଦୈବିବାଣୀ ମାଧ୍ୟମରେ ଖବର ମିଳିଗଲା ଯେ ଇହୁଦୀମାନେ ଏପରି ଘୃଣ୍ୟ ଯୋଜନା କରିଛନ୍ତି । ବସ୍ତୁତଃ ହୁଜୁର[ସ.ଅ] ତତ୍‌କ୍ଷଣାତ ସେଠାରୁ ଉଠିଲେ ଏବଂ ଏପରି ତରବର ହୋଇ ବାହାରିଗଲେ ଯେପରି ଆପଣଙ୍କର ଏକ ଜରୁରୀ କାମ ମନେ ପଡ଼ିଗଲା । ଆପଣ ତୀବ୍ର ବେଗରେ ମଦିନା ଫେରିଗଲେ । ହୁଜୁର [ସ.ଅ]ଙ୍କ ଅନୁଗାମୀମାନେ ମଣିଲେ କି ସମ୍ଭବତଃ ହୁଜୁର[ସ.ଅ] ଶୌଚାଳୟ (ପରିସ୍ରା କରିବାକୁ) ଯାଇଛନ୍ତି । କିନ୍ତୁ ଯେତେବେଳେ ଦୀର୍ଘ ସମୟ ଅତିବାହିତ ହୋଇଗଲା ସେତେବେଳେ ସାହାବା ଚିନ୍ତିତ ହେଲେ ଏବଂ ସେମାନେ ହୁଜୁର [ସ.ଅ]ଙ୍କ ସନ୍ଧାନରେ ବାହାରିଲେ । ମଦିନାରୁ ଆସୁଥିବା ଜଣେ ବ୍ୟକ୍ତି ସାହାବାଙ୍କୁ ଖବର ଦେଲେ ଯେ, ମୁଁ ତ ହୁଜୁର [ସ.ଅ]ଙ୍କୁ ମଦିନାରେ ପ୍ରବେଶ କରୁଥିବାର ଦେଖି ଆସୁଛି । ଅତଏବ ସାହାବା ସଙ୍ଗେସଙ୍ଗେ ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ । ସେତେବେଳେ ହୁଜୁର[ସ.ଅ] ସାହାବାଙ୍କୁ ସୂଚିତ କଲେ ଯେ, ବନୁ ନଜିର୍ କି ପ୍ରକାର ଷଡ଼ଯନ୍ତ୍ର ରଚିଥିଲେ ।

ଅନ୍ୟପାର୍ଶ୍ୱରେ ଇହୁଦୀ ହୁଜୁର [ସ.ଅ]ଙ୍କୁ ହତ୍ୟା କରିବା ଏବଂ ସାହାବାମାନଙ୍କୁ କଏଦ କରିବାର ବିଧିବଦ୍ଧ ଯୋଜନା ଓ ପରାମର୍ଶ କରୁଥିଲେ । ଇତିମଧ୍ୟରେ ମଦିନାରୁ ଆସିଥିବା ଜଣେ ଇହୁଦୀ ଯେତେବେଳେ ତାହା ଶୁଣିବାକୁ ପାଇଲା ସେତେବେଳେ ସେ କହିଲା; ମୁଁ ତ ହୁଜୁର [ସ.ଅ]ଙ୍କୁ ମଦିନାରେ ପ୍ରବେଶ କରୁଥିବାର ଦେଖି ଆସୁଛି । ଏହା ଶୁଣି ଇହୁଦୀ ଆଶ୍ଚର୍ଯ୍ୟ ଚକିତ (ହତବାକ) ହୋଇଗଲେ । ଆଉ ଜଣେ ଜୀବନୀ ଲେଖାଳି ଏହି ପ୍ରସଙ୍ଗରେ ଲେଖିଛନ୍ତି, ହୁଜୁର[ସ.ଅ] ଐଶୀ ନିର୍ଦ୍ଦେଶକ୍ରମେ ଇହୁଦୀ କବିଲାରୁ ଯଥାଶୀଘ୍ର ଚାଲି ଆସିଲେ । ସେତେବେଳେ ହୁଜୁର[ସ.ଅ] ସାହାବାଙ୍କୁ ଏଥି ସକାଶେ କିଛି ନକହି ବାହାରି ଆସିଲେ କାରଣ ସେମାନେ ଇହୁଦୀଙ୍କର ଶିକାର ନଥିଲେ । ବରଂ ସେହି ଦୁରାଚାରୀଙ୍କ ଅସଲ ଲକ୍ଷରେ ଇସଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସ.ଅ] ଥିଲେ । ତେଣୁ ହୁଜୁର[ସ.ଅ] ନିଶ୍ଚିନ୍ତ ଥିଲେ ଯେ, ମୋ ସାହାବାମାନେ କେବଳ ସୁରକ୍ଷିତ ନାହାନ୍ତି ବରଂ ମୋର ଅନ୍ୱେଷଣରେ ସେମାନେ ଶୀଘ୍ର ସେଠାରୁ ଚାଲି ଆସିବେ । କୁହାଯାଏ ଯେ, ସେହି

ସମୟରେ ଏହି ଆୟତ୍ ଅବତୀର୍ଣ୍ଣ ହେଲା,

يَا أَيُّهَا الَّذِينَ آمَنُوا اذْكُرُوا نِعْمَتَ اللَّهِ عَلَيْكُمْ إِذْ هَمَّ قَوْمٌ أَنْ يَبْسُطُوا إِلَيْكُمْ أَيْدِيَهُمْ فَكَفَّ أَيْدِيَهُمْ
عَنْكُمْ ۖ وَاتَّقُوا اللَّهَ ۚ وَعَلَى اللَّهِ فَلْيَتَوَكَّلِ الْمُؤْمِنُونَ

ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କର କୃପାକୁ ସ୍ମରଣ କର, ଯେତେବେଳେ କି ଏକ ସମ୍ପ୍ରଦାୟ ତୁମମାନଙ୍କ ବିରୁଦ୍ଧରେ ସେମାନଙ୍କର ହସ୍ତ ପ୍ରସାରିତ କରିବାକୁ ମନସ୍ଥ କରିଥିଲା ସେତେବେଳେ ସେ ତୁମମାନଙ୍କୁ ସେମାନଙ୍କ କବଳରୁ ରକ୍ଷା କରିଥିଲେ ଏବଂ ଅଲ୍ଲାଃଙ୍କୁ ଭୟକର ତଥା ବିଶ୍ୱାସକାରୀମାନେ ଅଲ୍ଲାଃଙ୍କ ଉପରେ ଭରଷା କରିବା ଉଚିତ୍ ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରିଛନ୍ତି, ହୁଜୁର[ସ.ଅ] ଆଗମନ ଫଳରେ ବନୁ ନଜିର୍ କବିଲା ପ୍ରକାଶ୍ୟରେ ତ ଆନନ୍ଦିତ ପ୍ରତୀତ ହେଉଥିଲା କିନ୍ତୁ ସେମାନେ ଆପୋଷରେ ପରାମର୍ଶ କଲେ ଯେ, ଆପଣ [ସ.ଅ]ଙ୍କ କାମ ତମାମ କରିବା ସକାଶେ ଏହା ଅତି ସୁନ୍ଦର ଅବସର । ଇହୁଦୀମାନଙ୍କ ମଧ୍ୟରୁ ସଲାମ ବିନ୍ ମୁସ୍ତକିମ୍ ନାମକ ଜଣେ ବ୍ୟକ୍ତି ସେମାନଙ୍କର ଉକ୍ତ ଯୋଜନାର ବିରୋଧ କରି କହିଲା; **ଏହା ବିଶ୍ୱାସଘାତ ମୂଳକ କାର୍ଯ୍ୟ । ଏବଂ ଏହା ସେହି ପ୍ରତିଜ୍ଞାର ଖିଲାଫ ଯାହାକି ଆମେ ହଜରତ ମୁହମ୍ମଦ [ସ.ଅ]ଙ୍କ ସହିତ ବାନ୍ଧି ଅଛେ ।** କିନ୍ତୁ ସେମାନେ ଉକ୍ତ ବ୍ୟକ୍ତିର କଥା ମାନିଲେ ନାହିଁ ।

ହଜରତ ମୁହମ୍ମଦ[ସ.ଅ] ପ୍ରତ୍ୟାବର୍ତ୍ତନ କରିଯିବା ପରେ ଇହୁଦୀ ନିଜ କଳାକର୍ମ ଯୋଗୁଁ ଅନୁତାପ କଲେ । କନାନ ବିନ୍ ସୱେର୍ ଅଥବା ସୱେରାଃ ନାମକ ଜଣେ ଇହୁଦୀ କହିଲା; ତୌରାତ୍‌ର ରାଣ ! ନିଃସନ୍ଦେହ ରୂପେ ମୋତେ ଜଣା ଅଛି ଯେ, ତୁମେମାନେ ହଜରତ ମୁହମ୍ମଦ [ସ.ଅ]ଙ୍କ ବିରୁଦ୍ଧରେ ଯେଉଁ ଛଳନାତ୍ମକ ଯୋଜନା ପରିକର କରିଥିଲ ସେଥିସଂକ୍ରାନ୍ତରେ ତାଙ୍କୁ (ଦୈବି ସୂଚନା) ମିଳି ଯାଇଛି । ସୁନିଶ୍ଚିତ ରୂପେ ସେ ହିଁ ଶେଷ ଅବତାର । ତୁମେମାନେ ଅଭିଳାଷିତ ଥିଲ ଯେ, ଶେଷ ଅବତାର ହାରୁନ୍‌ଙ୍କ ବଂଶଜ ମଧ୍ୟରୁ ହୁଅନ୍ତୁ କିନ୍ତୁ ଐଶ୍ୱର୍ଯ୍ୟମୟ ପ୍ରଭୁ ଯେଉଁଠାରୁ ଇଚ୍ଛା କଲେ ତାଙ୍କୁ ଆବିର୍ଭୂତ କଲେ । ନିଃସନ୍ଦେହ ରୂପେ ଆମ ଧର୍ମବିଧାନ ଯାହାକି ଆମେ ତୌରାତ୍‌ରେ ପାଠ କରୁଅଛେ ସେଥିରେ ଲେଖାଅଛି ଯେ, **ସେହି ଦିବ୍ୟାବତାରଙ୍କ ଜନ୍ମ ମକ୍କାରେ ହେବ ଏବଂ ସେ ୟସରବ୍ ଅର୍ଥାତ ମଦିନା ପ୍ରବାସ କରିବେ ।** ତାଙ୍କର (ଅନନ୍ୟ) ଗୁଣାବଳୀ ଯାହାକି ଆମ ଧର୍ମପୁସ୍ତକ ତୌରାତ୍‌ରେ ବର୍ଣ୍ଣିତ ରହିଛି ତାହା କେବଳ ଏବଂ କେବଳ ମାତ୍ର ହଜରତ ମୁହମ୍ମଦ [ସ.ଅ]ଙ୍କ ଅସ୍ତିତ୍ୱରେ ପ୍ରତିପାଦିତ ହେଉଅଛି । ମୁଁ ଏହା ଅବଲୋକନ କରୁଅଛି ଯେ ତୁମମାନଙ୍କୁ (ନିଜ କଳାକର୍ମ ବଶତଃ) ରକ୍ତପାତ ବ୍ୟତୀତ ଅନ୍ୟ କିଛି ଲାଭ ହେବ ନାହିଁ । ତୁମେ ନିଜ ଧନସମ୍ପତ୍ତି ଓ ପିଲାଛୁଆଙ୍କୁ ବିଳାପ ରୋଦନ କରୁଥିବା ଅବସ୍ଥାରେ ଛାଡ଼ିଯିବ । ଯଦି ତୁମେ ମୋର କେବଳ ଦୁଇଟି କଥା ଗ୍ରହଣ କରିନିଅ ତେବେ ତୁମର ମଙ୍ଗଳ ହେବ । ପ୍ରଥମ ଏହି କି ଯେ, ତୁମେମାନେ ଇସଲାମ ଧର୍ମର ଦୀକ୍ଷା ନେଇ ଈଶ୍ୱରଙ୍କ ପ୍ରେରିତ ଦୂତ ମୁହମ୍ମଦ [ସ.ଅ]ଙ୍କ ସାଥି ହୋଇଯାଅ । ତେବେ ତୁମର ଧନସମ୍ପତ୍ତି ଓ ପିଲାଛୁଆ ସୁରକ୍ଷିତ ରହିବେ । ଆଉ ତୁମମାନଙ୍କୁ ମଧ୍ୟ ଉଚ୍ଚ ଆସନ ଲାଭ ହେବ । ଦ୍ୱିତୀୟ ଏହିକି ଯେ, ଅପେକ୍ଷା କର କି ଖୁବ୍ ଶୀଘ୍ର ସେ ତୁମକୁ ଆଦେଶ ଦେବେ ଯେ, ମୋ ସହରରୁ ବାହିଯାଅ । ଏଥିରେ ତୁମେ ତାହା ସ୍ୱୀକାର କରିନେବ ଯଦ୍ୱାରା ସେ ତୁମ ରକ୍ତ ଓ ଧନସମ୍ପତ୍ତି ନିଜ ପାଇଁ ବୈଧ ମଣିବେ ନାହିଁ, ବରଂ ତୁମମାନଙ୍କ ସକାଶେ ଛାଡ଼ିଦେବେ । ଏଥିରେ ସେମାନେ ଉତ୍ତର ଦେଲେ, ଆମେ ଏଥିପାଇଁ ପ୍ରସ୍ତୁତ ଅଛୁ । ତେବେ ମଦିନା ପହଞ୍ଚିବା ପରେ ହୁଜୁର[ସ.ଅ] ଇହୁଦୀ କବିଲା ବନୁ ନଜିର୍‌ଙ୍କର ଦେଶରୁ ନିର୍ବାସନର ଆଦେଶ ଦେଲେ । କିନ୍ତୁ ସେମାନେ ତାହା ସ୍ୱୀକାର କଲେ ନାହିଁ ବରଂ ମୁକାବିଲା କରିବାର ମନସ୍ଥ କରିନେଲେ ।

ଏହି ପରିପ୍ରେକ୍ଷୀରେ ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କବିଲା ଅଓ୍ୱସ୍‌ର ଜଣେ ଧନାଢ୍ୟ ବ୍ୟକ୍ତି ମୁହମ୍ମଦ ବିନ୍ ମସ୍‌ଲମାଃ [ର.ଅ]ଙ୍କୁ ଡ଼କାଇ କହିଲେ; ତୁମେ ବନୁ ନଜିର୍ କବିଲା ନିକଟକୁ ଯାଅ ଏବଂ ଏହି ପ୍ରସଙ୍ଗରେ ସେମାନଙ୍କ ସହିତ ଆଲୋଚନା କର, ଆଉ ତାଙ୍କୁ କୁହ କି ଯେହେତୁ ସେମାନେ ନିଜ ଖଳ ପ୍ରବୃତ୍ତିରେ ସୀମାଲଙ୍ଘନ କରିଯାଇଛନ୍ତି ତଥା ସେମାନଙ୍କ ବିଶ୍ୱାସଘାତକତା ଚରମ ସୀମାରେ ପହଞ୍ଚି ଯାଇଛି । ତେଣୁ ଏବେ ତାଙ୍କର ମଦିନାରେ ବାସ କରିବା ଠିକ୍ ହେବ (ସମ୍ଭବ) ନାହିଁ । ଭଲ ହେବ ସେମାନେ ମଦିନା ଛାଡ଼ି ଅନ୍ୟତ୍ର କୁଆଡ଼େ ଚାଲିଯାନ୍ତୁ । ଏଥିପାଇଁ ଆପଣ[ସ.ଅ] ସେମାନଙ୍କୁ ଦଶଦିନ ଅବଧି ପ୍ରଦାନ କରିଥିଲେ । ମୁହମ୍ମଦ ବିନ୍ ମସ୍‌ଲମାଃ ଯେତେବେଳେ ସେମାନଙ୍କ ନିକଟକୁ ଯାଇ ହୁଜୁର [ସ.ଅ]ଙ୍କର ଉକ୍ତ ନିର୍ଦ୍ଦେଶାବଳୀ ପ୍ରଦାନ କଲେ ସେତେବେଳେ ସେମାନେ ଅବମାନନା ଓ ଔଧତ୍ୟ ପ୍ରଦର୍ଶନ କଲେ ଏବଂ ଅହଂକାରପୂର୍ଣ୍ଣ ଠାଣିରେ କହିଲେ, ତୁମେ ଯାଇ ମୁହମ୍ମଦ [ସ.ଅ]ଙ୍କୁ କହିଦିଅ ଯେ, ଆମେମାନେ ମଦିନା ଛାଡ଼ି ଯିବା ପାଇଁ ପ୍ରସ୍ତୁତ ନାହୁଁ । ତେଣିକି ତାଙ୍କର ଯାହା ଇଚ୍ଛା ସେ କରନ୍ତୁ । ଯେତେବେଳେ ହୁଜୁର [ସ.ଅ]ଙ୍କୁ ସେମାନଙ୍କର ଏହି ଉତ୍ତର ମିଳିଲା ସେତେବେଳେ ଆପଣ ହଠାତ୍ କହିଲେ; ଅଲ୍ଲାହୁ ଅକବର୍ ! ଇହୁଦୀମାନେ ତ ଯୁଦ୍ଧ କରିବା ପାଇଁ ଅଣ୍ଟାଭିଡ଼ି ବସିଛନ୍ତି ।

ସେଥିଅନ୍ତେ ହୁଜୁର[ସ.ଅ] ମୁସଲମାନମାନଙ୍କୁ ଯୁଦ୍ଧ ପ୍ରସ୍ତୁତି କରିବା ସକାଶେ ଆଦେଶ ଦେଲେ ଏବଂ ସାହାବାଙ୍କର ଏକ ଦଳ ସହିତ ବନୁ ନଜିର୍ ଅଭିମୁଖେ ରଣକ୍ଷେତ୍ରକୁ ବାହାରି ପଡ଼ିଲେ । କିନ୍ତୁ ବନୁ ନଜିର୍ ମୁସଲମାନମାନଙ୍କର ମୁକାବିଲା କରିବାକୁ ପଦାକୁ ଆସିଲେ ନାହିଁ ବରଂ ନିଜ ଦୁର୍ଗରେ ହିଁ ଆତ୍ମଗୋପନ କରିନେଲେ । ଏହି ଅବସରରେ ସଲାମ୍ ବିନ୍ ମିଶ୍‌କମା (ଇହୁଦୀ) କହିଲା; ଆମେମାନେ ଜାଣୁ ଯେ, ଆପଣ[ସ.ଅ] ପରମେଶ୍ୱରଙ୍କର ସଚ୍ଚୋଟ ଅବତାର । ଆପଣଙ୍କ ସୁଗୁଣାବଳୀ ଆମ (ଧର୍ମପୁସ୍ତକରରେ) ବର୍ଣ୍ଣିତ ରହିଛି । ଏବେ ଯଦି ଆମେ ତାଙ୍କ ଆନୁଗତ୍ୟ ସ୍ୱୀକାର ନକରିବା ତେବେ ଏହା ପ୍ରମାଣିତ ହେବ ଯେ, ଆମେ ତାଙ୍କୁ ଈର୍ଷା କରୁଛେ । **କାରଣ ଅବତାରତ୍ୱ ବନୁ ହାରୁନ୍ ବଂଶରୁ ଉଠିଗଲାଣି ।** ତେଣୁ ଚାଲ ଆମେ ତାଙ୍କର ଆଜ୍ଞାକାରୀ ହୋଇ ତାଙ୍କ ଶାନ୍ତି ପ୍ରସ୍ତାବକୁ ସ୍ୱୀକାର କରିନେବା । ଆଉ ତାଙ୍କ ସହର ଛାଡ଼ି ଅନ୍ୟତ୍ର ଚାଲିଯିବା ଅନ୍ୟଥା ଆମେ ନିଜ ଭିଟାମାଟିରୁ ବିତାଡ଼ିତ ହୋଇଯିବା । ଆଉ ଆମର ଧନସମ୍ପତ୍ତି ଓ ଐଶ୍ୱର୍ଯ୍ୟ ସବୁକିଛି ଧୂଳିଶାତ ହୋଇଯିବ । ଆମ ପିଲାଛୁଆ କଏଦ ହୋଇଯିବେ ଏବଂ ଆମ ବୀର ଯୋଦ୍ଧାମାନେ ନିହତ ହୋଇଯିବେ କିନ୍ତୁ ସଲାମ୍ ବିନ୍ ମିଶ୍‌କମାର ଏସବୁ କଥା ପ୍ରତି କେହିହେଲେ ଧ୍ୟାନ ଦେଲେ ନାହିଁ ।

ବସ୍ତୁତଃ ନିଜ ସାମ୍ରାଜ୍ୟର ଏହି ବେଲଗାମ ବିଦ୍ରୋହୀମାନେ ଯେ ଶାସକ ମୁଖ୍ୟ (ସେତେବେଳେ ହଜରତ ମୁହମ୍ମଦ [ସ.ଅ]ଙ୍କ ସମସ୍ତ ଶାସନ ଭାର ସ୍ୱୟଂ ତୁଲାଉ ଥିଲେ) ହତ୍ୟାର ଷଡ଼ଯନ୍ତ୍ର ରଚିଥିଲେ ଏବଂ ଏବେ ନିଜ କଲାକର୍ମ ବଶତଃ ଅନୁତପ୍ତ ହେବା ପରିବର୍ତ୍ତେ ହୁଜୁର [ସ.ଅ]ଙ୍କ ବିରୁଦ୍ଧରେ ଅସ୍ତ୍ର ଉଠାଇ ଖୋଲମଖୋଲା ଯୁଦ୍ଧ ଘୋଷଣା କରିଦେଇଥିଲେ । ଏପରି ପରିସ୍ଥିତିରେ ମଦିନାକୁ ଏକ ଭୀଷଣ ରକ୍ତପାତର ବିଭୀଷିକାରୁ ରକ୍ଷା କରିବା ଓ ମଦିନାର ସୁରକ୍ଷା ନିମନ୍ତେ ସେହି ବିଦ୍ରୋହୀମାନଙ୍କର ନାଶ କରିବା ଅତ୍ୟନ୍ତ ଜରୁରୀ ଥିଲା । ତେଣୁକରି ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ [ସ.ଅ]ଙ୍କୁ ବାଧ୍ୟତାପୂର୍ଣ୍ଣ ରଣକ୍ଷେତ୍ରରେ ଓହ୍ଲାଇବାକୁ ପଡ଼ିଥିଲା ।

ଅତଃ ହୁଜୁର[ସ.ଅ] ନିଜ ପଛରେ ଇବ୍‌ନେ ମକତୁମ୍ [ର.ଅ]ଙ୍କୁ ମଦିନାରେ ନିଜ ପ୍ରତିନିଧି ମୁତୟନ କରି ରଣକ୍ଷେତ୍ର ଅଭିମୁଖେ ବାହାରି ପଡ଼ିଲେ ଏବଂ ବନୁ ନଜିର୍ ବସ୍ତିର ଘେରାଉ କଲେ । ଏହି ଅଭିଯାନରେ ଆପଣ[ସ.ଅ] ହଜରତ ଅଲୀ [ର.ଅ]ଙ୍କୁ ମୁସଲମାନ ସେନାର ଅମିର ମୁତୟନ କରିଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ଅବୁବକର [ର.ଅ]ଙ୍କୁ ମୁସଲମାନ ସେନାର ଅମିରତ୍ୱ ପ୍ରଦାନ କରିଥିଲେ । ସେ ଯାହା ହେଉ ମୁସଲମାନମାନେ ରାତ୍ରି ବନୁ ନଜିର୍ ବସ୍ତିର ଘେରାଉ କରିବା ଅବସ୍ଥାରେ ଅତିବାହିତ କଲେ ଏବଂ ସେମାନେ ବାରମ୍ବାର ତକ୍‌ବିର୍‌ର

ନାରା (ଶ୍ଲୋଗାନ) ଲଗାଉ ଥିଲେ । ଏପରିକି ପ୍ରଭାତ ହେବାକୁ ଥିଲା ଯେ, ହଜରତ ବିଲାଲ୍ ଅଜାନ୍ ଦେଲେ । ସେତେବେଳେ ହୁଜୁର[ସ.ଅ] ଦଶଜଣ ସାହାବାଙ୍କ ସାଥିରେ ରଣକ୍ଷେତ୍ରକୁ ଓହ୍ଲାଇ ଆସିଲେ ଏବଂ ଫଜର୍ ନମାଜ ପାଠ କରାଇଲେ । ଇହୁଦୀଙ୍କ ମଧ୍ୟରେ ଜଣେ ବ୍ୟକ୍ତିର ନାମ ଅଜ୍‌ବକ ଥିଲା । ସେ ହୁଜୁର [ସ.ଅ]ଙ୍କ ଶିବିରର ଅନୁଧ୍ୟାନ କରି ଆପଣଙ୍କ ଆଡ଼କୁ ତୀର ଚାଳନା କଲା । ଉକ୍ତ ତୀର ଶିବିରରେ ବାଜିଲା ତେଣୁ ହୁଜୁର[ସ.ଅ] ସେହିସ୍ଥଳୁ ଶିବିର ସ୍ଥାନାନ୍ତରିତ କରି କିଛି ଦୂରତାରେ ଅର୍ଥାତ ତୀର ଚାଳନାକାରୀଙ୍କ ଲକ୍ଷ ଭେଦ କରିବା ପରିସର ବାହରକୁ (ଶିବିର) ଲଗାଇବାକୁ ସାହାବାଙ୍କୁ ଆଦେଶ ଦେଲେ । ଇତିମଧ୍ୟରେ ଏକଦା ରାତିରେ ଅର୍ଥାତ ଈଶା ନମାଜ ପାଖାପାଖି ହଜରତ ଅଲୀ [ର.ଅ]ଙ୍କୁ ମୁସଲମାନ ସେନାରେ ଅନୁପସ୍ଥିତ ଥିବା ଦେଖି ସାହାବା ହୁଜୁର [ସ.ଅ]ଙ୍କୁ ସୂଚିତ ଦେଲେ । ଆପଣ[ସ.ଅ] କହିଲେ; ତାଙ୍କର ଚିନ୍ତା କର ନାହିଁ, କାରଣ ସେ ତୁମର ହିଁ ଗୋଟିଏ କାର୍ଯ୍ୟ ସମ୍ପାଦନ କରିବାକୁ ଯାଇଛନ୍ତି । କିଛି କ୍ଷଣ ପରେ ହଜରତ ଅଲୀ[ର.ଅ] ସେହି ବ୍ୟକ୍ତିର ମୁଣ୍ଡ କାଟି ଆଣିଲେ । ଯାହାର ନାମ ଅଜ୍‌ବକ ଥିଲା ଏବଂ ଯାହାର ତୀର ହୁଜୁର [ସ.ଅ]ଙ୍କ ଶିବିରରେ ବାଜିଥିଲା ।

ହଜରତ ଅଲୀ[ର.ଅ] ସେହି ସମୟରୁ ତାହାର ଘାତ ଲଗାଇ ବସିଥିଲେ ଯେତେବେଳେ ସେ କୌଣସି ବଡ଼ ମୁସଲମାନ ସରଦାରଙ୍କୁ ମାରିବା ପାଇଁ ବାହାରି ଥିଲା । ତାହା ସହିତ ଶତ୍ରୁ ପକ୍ଷର ଏକ ଦଳ ମଧ୍ୟ ଥିଲା । ତାହାକୁ ଦେଖିବା ମାତ୍ରେ ହଜରତ ଅଲୀ[ର.ଅ] ତାହା ଉପରେ ଆକ୍ରମଣ କରିଦେଲେ ଏବଂ ତାହାକୁ ନିପାତ କରିଦେଲେ । ତାହା ସହିତ ଥିବା ଅନ୍ୟ ଲୋକମାନେ ପଳାୟନ କଲେ । ହୁଜୁର[ସ.ଅ] ହଜରତ ଅଲୀ [ର.ଅ]ଙ୍କ ସହିତ ୧୦ଜଣ ସାହାବାଙ୍କର ଏକ ଦଳ ପ୍ରେରଣ କରିଥିଲେ, ଯେଉଁମାନଙ୍କ ମଧ୍ୟରେ ହଜରତ ଅବୁ ଦୁଜାନା[ର.ଅ] ଓ ହଜରତ ସହଲ୍ ବିନ୍ ହୁନେଫ୍[ର.ଅ] ମଧ୍ୟ ସାମିଲ ଥିଲେ । ସେମାନେ ଶତ୍ରୁ ପକ୍ଷର ସେହି ଦଳକୁ ଧରିନେଲେ ଯେ ଉଁମାନେ ଅଜ୍‌ବକ ସହିତ ଥିଲେ । କିନ୍ତୁ ହଜରତ ଅଲୀ [ର.ଅ]ଙ୍କୁ ଦେଖି ସେ ସମସ୍ତେ ପଳାୟନ କରିଥିଲେ । ସାହାବାଙ୍କର ଉକ୍ତ ଦଳଟି ସେ ସମସ୍ତଙ୍କୁ ବଧ କରି ଦେଇଥିଲେ । କେତେକ ବିଦ୍ୱାନ କହନ୍ତି; ସେହି ଦଳରେ ଦଶଜଣ ଲୋକ ଥିଲେ । ସାହାବା ସେମାନଙ୍କୁ ହତ୍ୟା କରି ତାଙ୍କର ମସ୍ତକ ସାଥିରେ ନେଇ ଆସିଥିଲେ ଏବଂ ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ବିଭିନ୍ନ କୂପରେ ଫିଙ୍କି ଦିଆଯାଇ ଥିଲା । ଗୋଟିଏ ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] ସେଗୁଡ଼ିକୁ ବନୁ ଖତ୍‌ମାଃର କୂପରେ ଫିଙ୍କି ଦେବାକୁ ଆଦେଶ ଦେଇଥିଲେ । ପରବର୍ତ୍ତୀ ଘଟଣାବଳୀର ଚର୍ଚ୍ଚା ଇନ୍‌ଶା ଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ଖୁତବା ସାନିୟା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସାମୂହିକ ନମାଜ ପାଠ କରିବା ପ୍ରସଙ୍ଗରେ କହିଲେ; ଯେତେବେଳେ ଆପଣମାନେ ସାମୂହିକ ନମାଜ ପାଠ କରିବା ପାଇଁ ସଫ୍ (ଧାଡ଼ି) କରୁଛନ୍ତି ସେତେବେଳେ କାନ୍ଧକୁ କାନ୍ଧ ସହିତ ମିଳାଇ ଛିଡ଼ା ହେଉ ନାହାନ୍ତି । ଏବେ ତ କରୋନା ମହାମାରୀର କାଳ ସମାପ୍ତ ହୋଇଯାଇଛି ତେଣୁ ସଫ୍ ବାନ୍ଧିବା ସମୟରେ ପରସ୍ପର ସହିତ କାନ୍ଧକୁ କାନ୍ଧ ମିଳାଇ ଛିଡ଼ା ହୁଅନ୍ତୁ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।